Chapter- 4

# ସନ୍ଧ୍ୟା

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ । ଏହା ପୃଥିବୀ ପ୍ରସିଦ୍ଧ । ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ଘୋଷଯାତ୍ରା ମଧ୍ୟ କୁହାଯାଏ । ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି । ଏହା ବିଶ୍ୱମାନବର ଜୟଯାତ୍ରା । ଏହା ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ । ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ । ଏହା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ ।

କ) ପ୍ରତିବର୍ଷ କେଉଁ ଠାକୁରଙ୍କର ରଥଯାତ୍ରା ପାଳନ କରାଯାଇଥାଏ ?

ଉ: ______________________________

ଖ) ଏହି ରଥଯାତ୍ରା କେଉଁ ତିଥିରେ ପାଳିତ ହୁଏ ?

ଉ: ______________________________

ଗ) ଏହି ଯାତ୍ରାରେ କ'ଣ ହୁଏ ?

ଉ: ______________________________

ଘ) ଏହି ଯାତ୍ରାର ଆଉ କ'ଣ ମହତ୍ତ୍ୱ ଅଛି ?

ଉ: ______________________________

ଙ) ଏହି ଘୋଷଯାତ୍ରା ଆମକୁ କ'ଣ ଶିକ୍ଷା ଦେଇଥାଏ ?

ଉ: ______________________________

୨. ଶୂନ୍ୟସ୍ଥାନ ପୂରଣ କର ।

କ) ଅସ୍ତ ହେଲେ __________ ହେଲା ଦିନ ଶେଷ ।

ଖ) __________ ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି ।

ଗ) ହଳକାମ ସାରି __________ ମହା ଆନନ୍ଦରେ ।

ଘ) __________ ଅନ୍ତେ ବସି ନିଜ ନିଜ ଘରେ ।

ଙ) ତାହାର ପରଶେ ଏବେ __________ ।

ODM EDUCATIONAL GROUP Changing your Tomorrow

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର ।

କ) "ହଳକାମ ସାରି ଚଷା ମହାନନ୍ଦରେ
ନାନାରଙ୍ଗେ ଗୀତଗାଇ ବାହୁଡ଼ଇ ଘରେ" ।

i) ଏହି ପଦଟି କେଉଁ ବିଷୟରୁ ଆସିଅଛି ?

ଉ: ______________________________

ii) କେତେବେଳେ ଚାଷୀ ମହାଆନନ୍ଦରେ ଘରକୁ ଫେରେ ?

ଉ: ______________________________

ଖ) ''ଦିନ ଶ୍ରମ ଅନ୍ତେ ବସି ନିଜ ନିଜ ଘରେ
ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ'' ।

i) ଏହି ପଦଟିରେ କେତେବେଳେ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଇଛି ?

ଉ: ______________________________

ii) ଲୋକମାନେ କାହିଁକି ବିଶ୍ରାମ ଲୋଡ଼ନ୍ତି ?

ଉ: ______________________________

iii) ସନ୍ଧ୍ୟା ସମୟରେ ଲୋକମାନେ କେଉଁଠି ରହିବାକୁ ଭଲପାଆନ୍ତି ?

ଉ: ______________________________

ODM EDUCATIONAL GROUP Changing your Tomorrow

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

କ) ଦିନ କେତେବେଳେ ଶେଷ ହୋଇଥାଏ ?

ଉ: ______________________________

ଖ) ଚଷାଭାଇ କେମିତି ଘରକୁ ଫେରେ ?

ଉ: ______________________________

ଗ) ସନ୍ଧ୍ୟା ହେଲେ କେଉଁ କେଉଁ ସ୍ଥାନରେ ଅନ୍ଧାର ଘୋଟିଯାଏ ?

ଉ: ______________________________

ଘ) ଦିନର କ'ଣ ଭାଙ୍ଗିଯାଇଛି ?

ଉ: ______________________________

ଙ) କାହାର ପରଶରେ ନରନାରୀଗଣ ମୁଦିବେନୟନ ?

ଉ: ______________________________

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର।

କ) ନୟନ - ______________________________

ଖ) ଗଗନ - ______________________________

ଗ) ବିଶ୍ରାମ - ______________________________

♦♦♦

ODM EDUCATIONAL GROUP
Changing your Tomorrow